ଅନୁଭୂତି

ସୁଶ୍ରୀ ଜ୍ୟୋତି ମହାନ୍ତି
IIT ମାଡ୍ରାସ.

ମନେ ପଡୁନି ନାହିଁ
ସେବେଠୁ ମୁଁ ଜାଣେ
ମୋ ହୃଦୟରେ ଏକ ଆନମନା ସ୍ପୃହା
ଅଜଣା ଖୁସିର ସ୍ରୋତେକ
ମୋ ଅନ୍ତରର କଥା
ଅଚିହ୍ନା ଲାଗିଲା ଏମନ୍ତୁ
ମୋ ମନ ଓ ଶରୀର ।
ଯାହାର ଭିତରେ ଥାଇ
ଭୋଗେ ମନ, ଅଶାନ୍ତ ଜୀବନ
ଏକଥା କାଣ ଏସ
ପଚାରେ କିଏ ?
ମୁଁ ଖୋଜୁଥିଲି
ଦୀର୍ଘକାଳ ଯାଯାବର ଜୀବନରେ
ମୋର ଖିନ୍ନାଶ୍ୱାସର କାରଣ
କେଉଁ ଯାନୁ ଅନେକାଳ ତେଲୁ
ମନେ ଏ ନିଶ୍ଚିନ୍ତି ଜୀବନ ,
ସେହି ସନ୍ଧ୍ୟାକାଳରେ
ଶୁଣୁ ଅବା କାହିଁ
ଭିନ୍ନ ଏକ ଅନୁଭବରେ ଦିବସ ରଜନୀ !
ମୋର ଚିନ୍ତା ଓ ଚେତନା
ସ୍ୱପ୍ନ ଓ ଜାଗରଣ
ଅନୁଭବ ଗୌରବ ମନ୍ତ୍ର
ମୋ ଶିଶୁର ସ୍ୱପ୍ନ ,
ଏ ବୃଦ୍ଧ ଶରୀର ଅବା
ଜାଣି ନାହିଁଥାନ୍ତା କେବେ
ଗୌରବର ସେତୁ ,
ମନ କାହିଁ ନାହିଁ ଥାନ୍ତି ଏମନ୍ତ
ସ୍ୱପ୍ନୀଳ ସ୍ୱପ୍ନରେ ?

ମୋର ଭୂତ ଓ ଭବିଷ୍ୟ
ବର୍ତ୍ତମାନ, ଏବେଜ୍ଞ
ଆତ୍ମା ସ୍ୱପନ
ଏ ଦେହ , ଏ ମନ
ଏ ଅନୁଭବରେ ନିନାଦେ
କେବଳ ଗୋଟିଏ ଶବ୍ଦ
ଗୌରବ ଗୌରବ ।

କିଏ ଆସି କହିଥିଲା
ମୋ ଦେହ - ବହନର ଯାତ୍ରାରେ
ମୋ ଗୁଞ୍ଜରେ ଆଶା ନେଲା
ଭୁଲ ଧାରଣାର ଗୋଟେ ଜାଲ
ଯା ମାଧ୍ୟମରେ ଅନୁଭବ ହେଉଥିଲା
ମୋର ଅନ୍ତ ଦେହ ,
କିଏ ସେ
ସୂର୍ଯ୍ୟ, ଚନ୍ଦ୍ର, ଅଥବା ଗୌରବ ?
କେବେଠାରୁ କହିଥିଲା
ସେ ଅତି ଅସାଧାରଣ ଚିନ୍ତା
ମୋ ଚେତନାରେ,
ସେ ମଧୁର କଥାରେ ଦେହ
ଗାଉଥିଲା ଗୌରବ ଗୌରବ .

— ୦ —